# NATIONAL NEWS BULLETIN (ODIA)

## 13 April - 2026

## Morning Bulletin : 7.15 a.m.

*******************************

## ମୁଖ୍ୟ ସମ୍ବାଦ

- ଦେଶରବିକାଶ ଯାତ୍ରାରେ ମହିଳାଙ୍କ ଅଂଶଗ୍ରହଣକୁ ବ୍ୟାପକ କରିବା ଲକ୍ଷ୍ୟନେଇ ଆଜି ନୂଆଦିଲ୍ଲୀରେ ନାରୀଶକ୍ତି ବନ୍ଦନ ସମ୍ମିଳନୀକୁ ଉଦ୍‌ବୋଧନ ଦେବେ ପ୍ରଧାନମନ୍ତ୍ରୀ ।
- ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ନିମନ୍ତେ ପ୍ରମୁଖ ରାଜନୈତିକ ଦଳଗୁଡ଼ିକ ପକ୍ଷରୁ ତ୍ୱରାନ୍ୱିତ ହେଉଛି ପ୍ରଚାର ଅଭିଯାନ ।
- ମୁମ୍ବାଇର ଶିବାଜୀ ପାର୍କରେ ଆଜି ଅପରାହ୍ଣରେ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ସମ୍ପନ୍ନ ହେବ କିମ୍ବଦନ୍ତୀ ପ୍ରଚ୍ଛଦପଟ ଗାୟିକା ଆଶା ଭୋସ୍‌ଲେଙ୍କ ଶେଷକୃତ୍ୟ ।
- ଆମେରିକା-ଇରାନ୍ ଆଲୋଚନା ବିଫଳ ହେବା ପରେ ପଶ୍ଚିମ ଏସିଆ ପରିସ୍ଥିତି ଜଟିଳ ।

ଏବଂ

- ଆଇପିଏଲ୍ କ୍ରିକେଟ୍‌ରେ ଗତକାଲି ଅନୁଷ୍ଠିତ ଦୁଇଟି ମ୍ୟାଚ୍‌ରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଏବଂ ଗୁଜୁରାଟ ଟାଇଟନ୍ସ ବିଜୟୀ ।

- ଆଜି ସନ୍‌ରାଇଜର୍ସ ହାଇଦରାବାଦ ଓ ରାଜସ୍ଥାନ ରୟାଲ୍ସ ମଧ୍ୟରେ ଅନୁଷ୍ଠିତ ହେବ ମ୍ୟାଚ୍ ।

## ପି.ଏମ୍. - ନାରୀଶକ୍ତି ସମ୍ମେଳନ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ନୂଆଦିଲ୍ଲୀରେ ନାରୀଶକ୍ତି ବନ୍ଦନ ସମ୍ମେଳନକୁ ଉଦ୍‌ବୋଧନ ଦେବେ । ଭାରତର ବିକାଶ ଯାତ୍ରାରେ ମହିଳାମାନଙ୍କର ଅଂଶଗ୍ରହଣକୁ ବ୍ୟାପକ କରିବା ଲକ୍ଷ୍ୟ ନେଇ ଏହି ଜାତୀୟସ୍ତରୀୟ ସମ୍ମେଳନ ଆୟୋଜନ କରାଯାଇଛି । ପଞ୍ଚାୟତଠାରୁ ସଂସଦ ପର୍ଯ୍ୟନ୍ତ ପ୍ରତ୍ୟେକ ସ୍ତରରେ ଶାସନ ଏବଂ ନେତୃତ୍ୱ କ୍ଷେତ୍ରରେ ମହିଳାଙ୍କ ବର୍ଦ୍ଧିତ ଭୂମିକା ଉପରେ ଏହି ସମ୍ମିଳନୀରେ ଆଲୋଚନା ହେବ । ସରକାର, ଶିକ୍ଷା, ବିଜ୍ଞାନ, କ୍ରୀଡ଼ା, ଉଦ୍ୟୋଗ, ଗଣମାଧ୍ୟମ, ସାମାଜ ସେବା ଏବଂ ସଂସ୍କୃତି ଭଳି ବିଭିନ୍ନ କ୍ଷେତ୍ରର ପ୍ରତିନିଧିମାନଙ୍କ ସହ ସଫଳ ମହିଳାମାନେ ଏହି କାର୍ଯ୍ୟକ୍ରମରେ ଯୋଗଦେବେ । ୨୦୪୭ ସୁଦ୍ଧା ଭାରତକୁ ଏକ ବିକଶିତ ରାଷ୍ଟ୍ରରେ ପରିଣତ କରିବା ଦିଗରେ ମହିଳାମାନଙ୍କ ଭୂମିକା ଉପରେ ଏହି ସମ୍ମିଳନୀରେ ଆଲୋଚନା ହେବ । ୨୦୨୩ ମସିହା ସେପ୍ଟେମ୍ବର ମାସରେ ଲୋକସଭା ଓ ରାଜ୍ୟ ବିଧାନସଭାଗୁଡ଼ିକରେ ମହିଳା ପ୍ରତିନିଧିତ୍ୱ ବୃଦ୍ଧି କରିବା ନେଇ ସଂସଦରେ 'ନାରୀଶକ୍ତି ବନ୍ଦନ ଅଧିନିୟମ' ପାରିତ ହୋଇଥିଲା । ଏହି ଆଇନ ଅନ୍ତର୍ଗତ ଲୋକସଭା ଏବଂ ରାଜ୍ୟ ବିଧାନସଭାଗୁଡ଼ିକରେ ମହିଳାମାନଙ୍କପାଇଁ ଏକ-ତୃତୀୟାଂଶ ସ୍ଥାନ ସଂରକ୍ଷଣର ବ୍ୟବସ୍ଥା କରାଯାଇଥିଲା । ସମଗ୍ର ଦେଶରେ ମହିଳା ସଂରକ୍ଷଣ କାର୍ଯ୍ୟକାରୀ କରିବା ଉପରେ ଧ୍ୟାନ କେନ୍ଦ୍ରିତ କରି ଆସନ୍ତା ୧୬ ତାରିଖରୁ ସଂସଦର ସ୍ୱତନ୍ତ୍ର ଅଧିବେଶନ ବସିବ ।

# ଡବ୍ଲ୍ୟୁବି-କ୍ୟାମ୍ପେନିଂ

ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ନିମନ୍ତେ ପ୍ରମୁଖ ରାଜନୈତିକ ଦଳଗୁଡ଼ିକ ପ୍ରଚାର ଅଭିଯାନ ତ୍ୱରାନ୍ୱିତ କରିଥିବାବେଳେ ବରିଷ୍ଠ ବିଜେପି ନେତା ତଥା ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଆଜି ବୀରଭୁମ୍ ଏବଂ ପଶ୍ଚିମ ବର୍ଦ୍ଧମାନରେ ପ୍ରଚାର କରିବେ । ବୀରଭୁମ୍‌ର ପଲ୍ଲୀମଙ୍ଗଳ କ୍ଲବ ପଡ଼ିଆରେ ଏକ ଜନସଭାକୁ ଉଦ୍‌ବୋଧନ ଦେବାର କାର୍ଯ୍ୟକ୍ରମ ରହିଛି । ପରେ ଶ୍ରୀ ଶାହା ପଶ୍ଚିମ ବର୍ଦ୍ଧମାନରେ ଏକ ର୍ୟାଲିକୁ ଉଦ୍‌ବୋଧନ ଦେବାର କାର୍ଯ୍ୟକ୍ରମ ରହିଛି । ଅପରାହ୍ଣରେ ଦୁର୍ଗାପୁରରେ ଶ୍ରୀ ଶାହା ଏକ ରୋଡ ଶୋ' କରିବା ସହ ରାତି ୮ଟାରେ ଫର୍ଚୁନ୍ ପାର୍କରେ ଏକ ଜନସଭାକୁ ଉଦ୍‌ବୋଧନ ଦେବେ ।

ଅନ୍ୟପକ୍ଷରେ ତୃଣମୂଳ କଂଗ୍ରେସ ନେତ୍ରୀ ତଥା ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଆଜି ସକାଳେ ବୀରଭୁମ୍ ଜିଲ୍ଲାରେ ଏକ ଦଳୀୟ ର୍ୟାଲିରେ ଯୋଗଦେବା ସହ ପୂର୍ବ ବର୍ଦ୍ଧମାନ ଏବଂ ବାଙ୍କୁଡାରେ ଜନସଭାରେ ଉଦ୍‌ବୋଧନ ଦେବାର କାର୍ଯ୍ୟକ୍ରମ ରହିଛି ।

# ପ୍ରେଜ୍ ଭିଜିଟ୍

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜିଠାରୁ ୪ ଦିନିଆ ଗୁଜୁରାଟ ଏବଂ ମହାରାଷ୍ଟ୍ର ଗସ୍ତରେ ଯିବେ । ଆଜି ରାଜକୋଟ ଏମ୍‌ସର ସମାବର୍ତ୍ତନ ଉତ୍ସବରେ ରାଷ୍ଟ୍ରପତି ଯୋଗଦେବେ । ଆସନ୍ତାକାଲି ଶ୍ରୀମତୀ ମୁର୍ମୁ ଡକ୍ଟର

ବି.ଆର୍. ଆମ୍ବେଦକରଙ୍କ ଜନ୍ମଶତବାର୍ଷିକୀ ଅବସରରେ ଗାନ୍ଧୀନଗରସ୍ଥିତ ଲୋକଭବନରେ ସାମାଜିକ ସମରସ୍ତା ମହୋତ୍ସବରେ ଯୋଗଦେବେ । ଆସନ୍ତାକାଲି ମଧ୍ୟ ରାଷ୍ଟ୍ରପତି ଗାନ୍ଧୀନଗରସ୍ଥିତ ରାଷ୍ଟ୍ରୀୟ ରକ୍ଷା ବିଶ୍ୱବିଦ୍ୟାଳୟର ପଞ୍ଚମ ସମାବର୍ତ୍ତନ ଉତ୍ସବରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ।

ବୁଧବାର ଦିନ ରାଷ୍ଟ୍ରପତି ନାଗପୁର ଏମ୍ସର ଦ୍ୱିତୀୟ ସମାବର୍ତ୍ତନ ଉତ୍ସବରେ ଯୋଗଦେବା ସହ ୭୮ତମ ବ୍ୟାଚ୍‌ର ଭାରତୀୟ ରାଜସ୍ୱ ସେବା ପ୍ରଶିକ୍ଷାର୍ଥୀଙ୍କ ସମାରୋହରେ ଯୋଗଦେବେ । ୧୬ ତାରିଖରେ ରାଷ୍ଟ୍ରପତି ମୁର୍ମୁ ଓ୍ୱାର୍ଘାଠାରେ ମହାତ୍ମା ଗାନ୍ଧୀ ଅନ୍ତର୍ଜାତୀୟ ହିନ୍ଦୀ ବିଶ୍ୱବିଦ୍ୟାଳୟର ଷଷ୍ଠ ସମାବର୍ତ୍ତନ ଉତ୍ସବରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ।

## ଆଶା ଭୋସ୍‌ଲେ

କିମ୍ବଦନ୍ତୀ ପ୍ରଚ୍ଛଦପଟ ଗାୟିକା ଆଶା ଭୋସ୍‌ଲେଙ୍କ ଆଜି ଅପରାହ୍ଣ ୪ଟାରେ ମୁମ୍ବାଇର ଶିବାଜୀ ପାର୍କରେ ରାଷ୍ଟ୍ରୀୟ ସମ୍ମାନ ସହ ଶେଷକୃତ୍ୟ ସମ୍ପନ୍ନ ହେବ । ଗତକାଲି ୯୨ ବର୍ଷ ବୟସରେ ମୁମ୍ବାଇର ଏକ ଘରୋଇ ହସ୍ପିଟାଲରେ ତାଙ୍କର ପରଲୋକ ଘଟିଥିଲା । ସଂକ୍ରମଣ ଯୋଗୁଁ ଆଶା ଭୋସ୍‌ଲେଙ୍କୁ ଶନିବାର ସଂଧ୍ୟାରେ ମୁମ୍ବାଇର ବ୍ରିଚ୍ କାଣ୍ଡି ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ଆଶା ତାଇ ଭାବେ ପରିଚିତ ଆଶା ଭୋସ୍‌ରେ ପଦ୍ମ ବିଭୂଷଣ ସମେତ ମହାରାଷ୍ଟ ଭୂଷଣ ପୁରସ୍କାରରେ ସମ୍ମାନିତ ହୋଇଥିଲେ ।

ଆଜି ଦିନ ୧୧ଟାରେ ଲୋୟର ପରେଲ୍‌ସ୍ଥିତ କାଶାଗ୍ରାଣ୍ଡେରେ ସାଧାରଣ ଜନତା ତାଙ୍କର ଶେଷ ଦର୍ଶନ କରିବା ସହ ପୁଷ୍ପାର୍ଘ୍ୟ ଅର୍ପଣ କରିବେ ।

ଆଠ ଦଶନ୍ଧିରୁ ଅଧିକ ସମୟ ଧରି ଆଶା ଭୋସ୍‌ଲେ ଅନେକ ସଂଗୀତଜ୍ଞଙ୍କ ସହ କାର୍ଯ୍ୟ କରି ହିନ୍ଦୀ ଚଳଚ୍ଚିତ୍ର ଜଗତରେ ନିଜର ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିପାରିଥିଲେ । ତାଙ୍କ କ୍ୟାରିୟରର ପ୍ରଥମ ୧୦ ବର୍ଷରେ ଅନ୍ୟ ଗାୟିକାଙ୍କ ତୁଳନାରେ ଅଧିକ ଗୀତ ଗାଇଥିଲେ । ୧୯୫୭ ମସିହାରେ ତୁମ୍‌ସା ନେହିଁ ଦେଖା ଏବଂ ନୈୟା ଦୌର୍‌ ଆଶାଙ୍କୁ ସ୍ୱତନ୍ତ୍ର ପରିଚିତି ଦେଇଥିଲା ।

ପ୍ରଖ୍ୟାତ୍ ସଙ୍ଗୀତକାର ଓପି ନାୟାରଙ୍କ ସହ ଆଶା ଭୋସ୍‌ଲେ ଅନେକ ସଫଳ ଗୀତ ଗାଇ ପ୍ରସିଦ୍ଧି ଅର୍ଜନ କରିଥିଲେ । ୧୯୬୦ ଦଶକ ଶେଷ ସୁଦ୍ଧା ଆଶା ଭୋସ୍‌ଲେ ଏବଂ ଲତା ମଙ୍ଗେସ୍କର ହିନ୍ଦୀ ଚଳଚ୍ଚିତ୍ର ସଂଗୀତର ଦୁଇ ନିର୍ବିବାଦୀୟ ଗାୟିକା ବିବେଚିତ ହୋଇଥିଲେ । ପରେ ଆଶା’ ରବି, ଏସ୍.ଡି. ବର୍ମନ, ଜୟଦେବ, ଶଙ୍କର ଜୟକିଶନ, ଇଲିଆରାଜା ଏବଂ ବାପି ଲହରୀଙ୍କ ଭଳି ବିଶିଷ୍ଟ ସଂଗୀତଜ୍ଞଙ୍କ ସହ କାର୍ଯ୍ୟ କରିଥିଲେ । ୧୯୭୦ ଦଶକରେ ଆଶା ଭୋସ୍‌ଲେ ଆର୍.ଡି.ବର୍ମନଙ୍କ ସହ ପପ୍, ଡିସ୍କୋ ଗୀତର ମୁଳଦୁଆ ପକାଇଥିଲେ । ଉମ୍‌ରା-ଓ-ଜାନ୍‌ରେ ଆଶାଙ୍କୁ ପ୍ରଥମ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ମିଳିଥିଲା । ନୂତନ ପୀଢ଼ିର ସଂଗୀତଜ୍ଞ ଏ.ଆର୍. ରହେମାନଙ୍କ ସହ ଆଶା ଭୋସ୍‌ଲେ ଅନେକଗୁଡ଼ିଏ ଗୀତରେ କଣ୍ଠଦାନ କରିବା ସହ ନୂତନ ପୀଢ଼ିର ଚଳଚ୍ଚିତ୍ର ରଙ୍ଗିଲା ଏବଂ ଲଗାନ ଭଳି

ଚଳଚ୍ଚିତ୍ରରେ ସେ ନିଜର ଯାଦୁକରୀ ସ୍ୱରର ଅଭୁଲା ସ୍ପର୍ଶ ଦେଇପାରିଥିଲେ ।

## ପଶ୍ଚିମ ଏସିଆ

ଆମେରିକା ଏବଂ ଇରାନ୍ ମଧ୍ୟରେ ଇସଲାମାବାଦରେ ଅନୁଷ୍ଠିତ ଆଲୋଚନା ବିଫଳ ହେବା ପରେ ପଶ୍ଚିମ ଏସିଆ ପରିସ୍ଥିତି ଅନ୍ୟ ଦିଗକୁ ଗତିକରିବା ସମ୍ଭାବନା ପ୍ରକାଶ ପାଇଛି । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଘୋଷଣା କରିଛନ୍ତି ଆମେରିକା ନୌବାହିନୀ ଖୁବ୍‌ଶୀଘ୍ର ହର୍‌ମୁଜ ପ୍ରଣାଳୀରେ ପ୍ରତିବନ୍ଧକ ଆରମ୍ଭ କରିବ । ସେହିବାଟ ଦେଇ ଶୁଳ୍କ ପ୍ରଦାନ କରି ଅତିକ୍ରମ କରୁଥିବା ଜାହାଜ ଗୁଡ଼ିକୁ ଅଟକାଇଦିଆଯିବ ଏବଂ ସଂପୃକ୍ତ ପ୍ରଣାଳୀରେ ଇରାନ୍ ପକ୍ଷରୁ ବିଛା ଯାଇଥିବା ଲ୍ୟାଣ୍ଡମାଇନ୍ ମଧ୍ୟ ନିଷ୍କ୍ରିୟ କରିଦିଆଯିବ । ଶ୍ରୀ ଟ୍ରମ୍ପ ଇରାନ୍‌ର ପରମାଣୁ ଲକ୍ଷ୍ୟକୁ ପ୍ରତିହତ କରିବା ଲାଗି ଏଭଳି ପଦକ୍ଷେପର ଆବଶ୍ୟକତା ରହିଥିବା କହିଛନ୍ତି । ଏହାଫଳରେ ତେହେରାନ ଆମେରିକା ସହିତ ବୁଝାମଣା କରିବାକୁ ବାଧ୍ୟ ହେବ ବୋଲି ସେ କହିଛନ୍ତି । ଅନ୍ୟପକ୍ଷରେ ଇରାନ୍ ପ୍ରଶାସନ’ ଆମେରିକାକୁ ଚେତାବନୀ ଦେଇ କହିଛି ଯଦି ଶତ୍ରୁପକ୍ଷର ସାମରିକ ଜାହାଜ ହର୍‌ମୁଜ ପ୍ରଣାଳୀ ଆଡକୁ ଆସେ ତେବେ ତାହାକୁ ଯୁଦ୍ଧବିରତିର ଉଲ୍ଲଙ୍ଘନ ବୋଲି ବିଚାର କରାଯିବ ଏବଂ ସଂପୃକ୍ତ ଜାହାଜକୁ ଧ୍ୱଂସ କରିଦିଆଯିବ । ଇରାନ୍ କହିଛି ହର୍‌ମୁଜ ପ୍ରଣାଳୀ ଶାନ୍ତିପୂର୍ଣ୍ଣ ଭାବେ ଯାତାୟାତ ଲାଗି ନିଶ୍ଚିତଭାବେ ଉନ୍ମୁକ୍ତ ରହିବ ।

ଇରାନ୍ ରାଷ୍ଟ୍ରପତି ମାସୁଦ ପେଜେସ୍କିଆନ କହିଛନ୍ତି ତେହେରାନ ସବୁ ସମୟରେ ସନ୍ତୁଳନ ରକ୍ଷାକରି ଶାନ୍ତି ଏବଂ ସୁରକ୍ଷା ଲାଗି ଆଗ୍ରହୀ ରହିଛି । କିନ୍ତୁ ଆମେରିକାର ଦୋମୁହାଁ ନୀତିକୁ ବରଦାସ୍ତ କରିବ ନାହିଁ । ସେ କହିଛନ୍ତି ହର୍‌ମୁଜ ପ୍ରଣାଳୀ ବିଶ୍ୱର ଏକ ପ୍ରମୁଖ ଅଂଶ ହୋଇଥିବାବେଳେ ପ୍ରାକୃତିକ ଗ୍ୟାସ୍ ପରିବହନ କ୍ଷେତ୍ରରେ ଏକ ପ୍ରମୁଖ ବ୍ୟବସ୍ଥା । ସେଠାରେ ଯେକୌଣସି ପ୍ରକାର ପ୍ରତିବନ୍ଧକ ସୃଷ୍ଟି କରିବା କିମ୍ବା ସାମରିକ ଅଭିଯାନ ଆରମ୍ଭ କରିବା ଦ୍ୱାରା ବିଶ୍ୱରେ ଶକ୍ତିଯୋଗାଣ ବ୍ୟବସ୍ଥାରେ ପ୍ରତିବନ୍ଧକ ସୃଷ୍ଟି ହେବ । ଯାହାଫଳରେ ତୈଳଦର ବୃଦ୍ଧିପାଇବା ସହ ସେହିବାଟ ଦେଇ ଯାତାୟାତ କରୁଥିବା ଜାହାଜ ଗୁଡ଼ିକର ବୀମା ଖର୍ଚ୍ଚ ମଧ୍ୟ ବୃଦ୍ଧି ପାଇବ ।

ଅନ୍ୟପକ୍ଷରେ ଇସ୍ରାଏଲ, ହେଜବୋଲ୍ଲା ଉଗ୍ରବାଦୀ ରହୁଥିବା ସନ୍ଦେହ କରି ଦକ୍ଷିଣ ଲେବାନନ୍‌ର ବ୍ରିଣ୍ଟ ଜାବେଲସ୍ଥିତ ଏକ ଡାକ୍ତରଖାନାରେ ଆକ୍ରମଣ କରିଛି । ଏଥିରେ ପ୍ରାୟ ୨୦ଜଣଙ୍କ ମୃତ୍ୟୁ ହୋଇଥିବା ଇସ୍ରାଏଲ ସେନା ପକ୍ଷରୁ କୁହାଯାଇଛି । ସେଠାକାର ଅନ୍ୟାନ୍ୟ ଅଞ୍ଚଳରେ ଇସ୍ରାଏଲ ବାୟୁସେନା ପକ୍ଷରୁ ଆକ୍ରମଣ ଜାରି ରହିଥିବା ସୂଚନା ମିଳିଛି । ତେବେ ଏହି ଆକ୍ରମଣରେ ସାଧାରଣ ନାଗରିକଙ୍କ ମୃତ୍ୟୁ ଘଟିଛି । ଲେବାନନ୍ ପ୍ରଧାନମନ୍ତ୍ରୀ ନୱାଫ ସଲାମ କହିଛନ୍ତି ତାଙ୍କ ସରକାର ଦକ୍ଷିଣ ଲେବାନନ୍‌ରୁ ସମ୍ପୂର୍ଣ୍ଣ ଭାବେ ଇସ୍ରାଏଲ ସେନା ପ୍ରତ୍ୟାହାର ସହ ଯୁଦ୍ଧ ବନ୍ଦ କରିବା ଲାଗି ଉଦ୍ୟମ କରୁଛନ୍ତି । ଇସ୍ରାଏଲ ଏବଂ ଲେବାନନ୍ ମଧ୍ୟରେ ଚାଲିଥିବା ଆକ୍ରମଣ ଓ ପ୍ରତିଆକ୍ରମଣରେ ୨ହଜାରରୁ ଅଧିକ ଲୋକଙ୍କ ମୃତ୍ୟୁ

ହୋଇଥିବା ସେ କହିଛନ୍ତି । ଇତିମଧ୍ୟରେ ପେଜେସକିଆନ ପଶ୍ଚିମ ଏସିଆ ପରିସ୍ଥିତି ନେଇ ରୁଷ୍ ରାଷ୍ଟ୍ରପତି ବ୍ଲାଦିମିର୍ ପୁଟିନ୍‌ଙ୍କ ସହ କୂଟନୈତିକ ଆଲୋଚନା ଆରମ୍ଭ କରିଥିବା କହିଛନ୍ତି ।

## ମଷ୍ଟ ଆନାଉନ୍ସମେଣ୍ଟ

ଆକାଶବାଣୀର ଦ୍ୱିଭାଷିକ ଫୋନ୍ ଇନ୍ କାର୍ଯ୍ୟକ୍ରମ **ପବ୍ଲିକ୍ ସ୍ପିକ୍**ରେ ଆଜି ରାତି ସାଢ଼େ ୯ଟାରେ **ଜନଗଣନା ୨୦୨୭ ସମ୍ପର୍କରେ ଏକ ଅର୍ନ୍ତଦୃଷ୍ଟିମୂଳକ ଆଲୋଚନା ଆତ୍ମଗଣନା କିଭଳି କରିବେ** ପ୍ରଚାର କରାଯିବ । ଆଲୋଚନାରେ ଭାରତର ରେଜିଷ୍ଟ୍ରାର ଜେନେରାଲଙ୍କ କାର୍ଯ୍ୟାଳୟର ଡେପୁଟୀ ଡାଇରେକ୍ଟର ଜେନେରାଲ ବିଶ୍ୱଜିତ୍ ଦାସ ଅଂଶ ଗ୍ରହଣ କରିବେ । କାର୍ଯ୍ୟକ୍ରମ ସମୟରେ ଶ୍ରୋତାମାନେ ସେମାନଙ୍କର ପ୍ରଶ୍ନ ପଚାରି ପାରିବେ । ଏଥିପାଇଁ ସେମାନଙ୍କୁ 011-23717117, 23314444, 23310481 ଏବଂ 23717106 ନମ୍ବରକୁ ଡାଏଲ୍ କରିବାକୁ ହେବ । ଏହା ବ୍ୟତୀତ ଶ୍ରୋତାମାନେ 9289094044 ନମ୍ବରକୁ ହ୍ୱାଟ୍‌ସଆପ୍ ଏବଂ ସାମାଜିକ ଗଣମାଧ୍ୟମ X ରେ ହାସ୍‌ଟ୍ୟାଗ୍ ask air ମାଧ୍ୟମରେ ପ୍ରଶ୍ନ ପଚାରି ପାରିବେ ।

## ନେତାନ୍ୟାହୁ-ଲେବାନନ୍ ଭିଜିଟ୍

ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ଗତକାଲି ବରିଷ୍ଠ ସାମରିକ ଅଧିକାରୀଙ୍କ ସହ ଦକ୍ଷିଣ ଲେବାନନ୍ ଗସ୍ତ କରିଛନ୍ତି । ସେ କହିଛନ୍ତି ଯୁଦ୍ଧ ଜାରି ରହିଛି ଏବଂ ଇସ୍ରାଏଲର ଶତ୍ରୁମାନେ ଏବେ ଜୀବନ ବଞ୍ଚାଇବା ଲାଗି ଉଦ୍ୟମ କରୁଛନ୍ତି । ଇସ୍ରାଏଲ ପ୍ରଧାନମନ୍ତ୍ରୀଙ୍କ

କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁଯାୟୀ ଏହି ଗସ୍ତକାଳରେ ପ୍ରତିରକ୍ଷାମନ୍ତ୍ରୀ ଏବଂ ଆଇଡିଏଫ୍‌ର ମୁଖ୍ୟ ତଥା ଅନ୍ୟାନ୍ୟ ବରିଷ୍ଠ ସେନା ଅଧିକାରୀମାନେ ଦକ୍ଷିଣ ଲେବାନନ୍ ଗସ୍ତ କରିଥିଲେ । ଶ୍ରୀ ନେତାନ୍ୟାହୁ କହିଛନ୍ତି ଇସ୍ରାଏଲ’ ଲେବାନନ୍‌ରେ ଏକ ସୁରକ୍ଷା ଅଞ୍ଚଳ ସୃଷ୍ଟିକରିଛି, ଯାହାଫଳରେ ସୀମାପାର୍ ଆକ୍ରମଣ ଓ ରକେଟ୍ ଆକ୍ରମଣ ହ୍ରାସ ପାଇପାରିଛି । ଏ କ୍ଷେତ୍ରରେ ଅଧିକ କାର୍ଯ୍ୟ କରିବାର ଆବଶ୍ୟକତା ରହିଥିବା ସେ କହିଛନ୍ତି । ମଧ୍ୟପ୍ରାଚ୍ୟରେ ଇସ୍ରାଏଲ ବଡ ପରିବର୍ତ୍ତନ ଆଣିଥିବା ଶ୍ରୀ ନେତାନ୍ୟାହୁ କହିଛନ୍ତି । ସେ କହିଛନ୍ତି ଇରାନ୍ ମଧ୍ୟ ଇସ୍ରାଏଲ ଉପରେ ଆକ୍ରମଣ କରିବା ପରିବର୍ତ୍ତେ ନିଜର ସ୍ଥିତି ସୁଦୃଢ଼ କରିବା ଲାଗି ଉଦ୍ୟମ କରୁଛି । ଏହି ଗସ୍ତ ସମୟରେ ଶ୍ରୀ ନେତାନ୍ୟାହୁ ସୀମାବର୍ତ୍ତୀ ଅଞ୍ଚଳରେ ଥିବା ଆଇଡିଏଫ୍ ପୋଷ୍ଟ ପରିଦର୍ଶନ କରିଥିଲେ ।

## ଆଇପିଏଲ୍-କ୍ରିକେଟ୍

ଆଇ.ପି.ଏଲ୍ କ୍ରିକେଟ୍‌ରେ ଗତସଂଧ୍ୟାରେ ଅନୁଷ୍ଠିତ ଦ୍ୱିତୀୟ ମ୍ୟାଚ୍‌ରେ ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ୧୮ ରନ୍‌ରେ ମୁମ୍ବାଇ ଇଣ୍ଡିଆନ୍‌ସକୁ ପରାସ୍ତ କରିଛି । ମୁମ୍ବାଇର ୱାଙ୍ଖେଡ୍ ଷ୍ଟାଡିୟମ୍‌ଠାରେ ଅନୁଷ୍ଠିତ ମ୍ୟାଚ୍‌ରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୪ ୱିକେଟ୍ ବିନିମୟରେ ୨୩୪ରନ୍ ସ୍କୋର କରିଥିଲା । ଫିଲ ସଲ୍ଟ ୩୬ଟି ବଲ୍‌ରୁ ୭୮ରନ୍ କରିଥିବାବେଳେ ବିରାଟ କୋହଲି ୩୮ଟି ବଲ୍‌ରୁ ୫୦ ରନ୍ କରିଥିଲେ ।

ଜବାବରେ ମୁମ୍ବାଇ ଇଣ୍ଡିଆନ୍ସ ୨୦ ଓଭରରେ ୫ଟି ୱିକେଟ୍ ହରାଇ ୨୨୨ରନ୍ ସଂଗ୍ରହ କରିପାରିଥିଲା । ଶେରଫାନ ରଦରଫୋର୍ଡ ୭୧ ରନ୍ ସ୍କୋର କରିଥିଲେ । ଫିଲ ସଲ୍ଟଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ୍ ଘୋଷଣା କରାଯାଇଥିଲା ।

ଲକ୍ଷ୍ନୌର ଏକ୍ନା ଷ୍ଟାଡିୟମ୍‌ରେ ଅନୁଷ୍ଠିତ ପ୍ରଥମ ମ୍ୟାଚ୍‌ରେ ଗୁଜରାଟ୍ ଟାଇଟନ୍‌ସ’ ୭ ୱିକେଟ୍‌ରେ ଲକ୍ଷ୍ନୌ ସୁପର୍ ଜାଏଣ୍ଟ୍‌ସକୁ ପରାସ୍ତ କରିଥିଲା । ୧୬୫ ରନ୍‌ର ବିଜୟ ଲକ୍ଷକୁ ପିଛା କରି ଗୁଜରାଟ ଟାଇଟନ୍‌ସ’ ୧୮ ଓଭର୍ ୪ଟି ବଲ୍‌ରେ ୩ଟି ୱିକେଟ୍ ହରାଇ ବିଜୟ ଲକ୍ଷ୍ୟ ହାସଲ କରିଥିଲା ।

ଆଜି ସଂଧ୍ୟା ୭ଟା ୩୦ରେ ହାଇଦରାବାଦସ୍ଥିତ ରାଜୀବଗାନ୍ଧୀ ଆନ୍ତର୍ଜାତିକ ଷ୍ଟାଡିୟମରେ ସନ୍‌ରାଇଜର୍ସ ହାଇଦରାବାଦ ଓ ରାଜସ୍ଥାନ ରୟାଲ୍ସ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ ।